
# ସୁସମ୍ବାଦ

# କାହାଣୀ ପୁସ୍ତିକା

## କାର୍ଯ୍ୟକ୍ରମ ନିୟମାବଳୀ



ଏହି ପୁସ୍ତିକାରେ ବ୍ୟବହୃତ କାହାଣୀସବୁ ସୁସମ୍ବାଦ କାହାଣୀ ପୁସ୍ତିକାରୁ ଆନୀତ ।

ମୁଖସ୍ତ ପଦ ସମୂହ ପବିତ୍ର ବାଇବଲ, 'ପଢିବା ପାଇଁ ସରଳ' ଅନୁବାଦରୁ (© 2012 ସଂକଳନ) ଉଦ୍ଧୃତ । ତାହା, 'ଓ୍ୱର୍ଲ୍ଡ଼
ବାଇବଲ ଟ୍ରାନସଲେଶନ୍ କେନ୍ଦ୍ରର' ଅନୁମତି କ୍ରମେ ପ୍ରାପ୍ତ ।

ସୁସମ୍ବାଦ କାହାଣୀ ପୁସ୍ତିକାର  କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ ଭାରତରେ ପ୍ରକାଶିତ । ଅଧିକ ଜାଣିବା ପାଇଁ:
WBTC India, P.O.Box-8478, Bangalore-560084.
Email:info@wbtcindia.com କୁ ଯୋଗାଯୋଗ କରନ୍ତୁ ।

# ସୂଚୀ ପତ୍ର

ପରିଚୟ..........2-3
ଚିତ୍ରାଙ୍କନ ଦ୍ୱାରା ଶିକ୍ଷା ..........4-5
ପାଠ 1 ..........6-9
ପାଠ 2 ..........10-13
ପାଠ 3 ..........14-18
ପାଠ 4 ..........19-23
ପାଠ 5 ..........24-27
ପାଠ 6 ..........28-31
ପାଠ 7 ..........32-34
ପାଠ 8 ..........35-38
ପାଠ 9 ..........39-42
ପାଠ 10 ..........43-46
ପାଠ 11 ..........47-49
ପାଠ 12 ..........50-52
ପାଠ 13 ..........53-55
ପାଠ 14 ..........56-58
ପାଠ 15 ..........59-62
ପାଠ 16 ..........63-66
ପାଠ୍ୟକ୍ରମ ଯୋଜନା ..........67
ପ୍ରାର୍ଥନା ..........68

# ପରିଚୟ



ସମସ୍ତେ ଯେ କୌଣସି ବିଷୟ ନିଜେ କରିବା ଦ୍ୱାରା ଶିଖିଥାଆନ୍ତି ।

ସମସ୍ତେ ଶିକ୍ଷାର 'ଏକ-କୈନ୍ଦ୍ରିକ ଲକ୍ଷ୍ୟ' ବ୍ୟବହାର କରି ଉଚ୍ଚକୋଟୀର ଶିକ୍ଷା ଆହରଣ କରିପାରିଥା'ନ୍ତି ।

ପ୍ରାୟତଃ, ସମସ୍ତେ ବାରମ୍ବାର ପୁନରାବୃତ୍ତି, ପୁନରାବୃତ୍ତି, ପୁନରାବୃତ୍ତି ଦ୍ୱାରା ଶିଖି ଥାଆନ୍ତି ।

**ସମସ୍ତେ ଯେ କୌଣସି ବିଷୟ ନିଜେ କରିବା ଦ୍ୱାରା ଶିଖିଥାଆନ୍ତି ।**

*ଉଦାହରଣ:* ଚିତ୍ରାଙ୍କନ, ଲିଖନ, ଗାୟନ, ନାଟକ-ଭୂମିକାରେ ଅଂଶ ଗ୍ରହଣ, ନିରୀକ୍ଷଣ, ବା କଥୋପକଥନ ।

**ସମସ୍ତେ ଶିକ୍ଷାର 'ଏକ-କୈନ୍ଦ୍ରିକ ଲକ୍ଷ୍ୟ' ବ୍ୟବହାର କରି ଉଚ୍ଚକୋଟୀର ଶିକ୍ଷା ଆହରଣ କରିପାରିଥା'ନ୍ତି ।**

କାହାଣୀ, ଅଭିନୟ, ସଙ୍ଗୀତ, ଦ୍ରଷ୍ଟବ୍ୟ-ବସ୍ତୁ ମାଧ୍ୟମରେ-ପାଠ ଶିକ୍ଷା, ମୁଖସ୍ତ ପଦ, ଧନ୍ଦା, ଏବଂ ଆମ ଦୈନନ୍ଦିନ ଜୀବନରେ ଉପଯୋଗୀ ଶିକ୍ଷା, ଇତ୍ୟାଦି କେବଳ ଗୋଟିଏ ଲକ୍ଷ୍ୟକୁ ଦର୍ଶାଏ । *ଉଦାହରଣ:* ଯୀଶୁ ଜଗତର ଜ୍ୟୋତିଃ ବିଷୟକ ଶିକ୍ଷା, ଏହି ପାଠ୍ୟକ୍ରମରେ ଥିବା ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକାଶିତ ହୁଏ ।

**ପ୍ରାୟତଃ, ସମସ୍ତେ ବାରମ୍ବାର ପୁନରାବୃତ୍ତି, ପୁନରାବୃତ୍ତି, ପୁନରାବୃତ୍ତି ଦ୍ୱାରା ଶିଖି ଥାଆନ୍ତି ।**


*ଉଦାହରଣ:* ସୁସମ୍ବାଦ ରଚିତ କାହାଣୀ ପୁସ୍ତିକାରୁ ଗୋଟିଏ କାହାଣୀ କହନ୍ତୁ । ତା'ପରେ, ଜଣେ ପିଲାକୁ ଉକ୍ତ କାହାଣୀକୁ ଦଳ ମଧ୍ୟରେ କହିବାକୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଅନ୍ୟ ଜଣେ ପିଲାକୁ ଉକ୍ତ କାହାଣୀଟି ପୁନଃରାୟ କହିବାକୁ ନିର୍ଦ୍ଦେଶ ଦିଅନ୍ତୁ । ଏହାପରେ, କାହାଣୀର ମୂଳ ଉଦ୍ଦେଶ୍ୟ ପଗ୍ଚରନ୍ତୁ, କିମ୍ବା ସେହି ବିଷୟ ଉପରେ ପ୍ରଶ୍ନ ପଗ୍ଚରନ୍ତୁ ।

**ସୁସମ୍ବାଦ କାହାଣୀ-ପୁସ୍ତିକା : କାର୍ଯ୍ୟକ୍ରମ ନିୟମାବଳୀ**

ଏହି ପୁସ୍ତିକାରେ 16ଟି ପାଠ ରହିଛି । ପ୍ରତ୍ୟେକ ପାଠରେ, ଏହି ପୁସ୍ତିକାର କ୍ରମାନ୍ୱୟରେ ଥିବା ଖଣ୍ଡମାନଙ୍କରୁ କାହାଣୀ, ଅଭିନୟ ସଙ୍ଗୀତ, ଦ୍ରଷ୍ଟବ୍ୟ-ବସ୍ତୁ-ମାଧ୍ୟମ ଶିକ୍ଷା-ପ୍ରଣାଳୀ, ବାଇବଲ ମୁଖସ୍ତ ପଦ ବିଶିଷ୍ଟ ପଦ-ଧନ୍ଦା ଏବଂ ଦୈନନ୍ଦିନ ଜୀବନ ବର୍ଣ୍ଣିତ ନିମିତ୍ତ ବ୍ୟବହାରିକ କାର୍ଯ୍ୟକାରୀତା, ଆଦି ବର୍ଣ୍ଣିତ । ପ୍ରତ୍ୟେକ ପାଠ୍ୟକ୍ରମରେ ପିଲାମାନେ କିଛି ନା କିଛି କାର୍ଯ୍ୟରତ ଅଛନ୍ତି ।

ଆପଣ କେତେ ସମୟ ପିଲାଙ୍କ ପାଇଁ ଦିଅନ୍ତି ତଥା ପିଲାମାନଙ୍କ ଅଭିବୃଦ୍ଧି ସ୍ତର ଉପରେ, ପାଠ୍ୟକ୍ରମର ପ୍ରସ୍ତୁତି-କରଣ ନିର୍ଭର କରିଥାଏ । ପ୍ରତ୍ୟେକ ପାଠ୍ୟକ୍ରମରେ, ଏହି ପୁସ୍ତିକାର ଅନ୍ତତଃ ଗୋଟିଏ କାହାଣୀ, ଅଭିନୟ ସଙ୍ଗୀତ ଓ ବ୍ୟବହାରିକ କାର୍ଯ୍ୟକାରୀତା, ଇତ୍ୟାଦି ଅନ୍ତର୍ଭୁକ୍ତ ହେବା ଉଚିତ ।

ପାଠ୍ୟକ୍ରମର ପ୍ରତ୍ୟେକ ସୋପାନ ଉତ୍ତାରେ, ପ୍ରତ୍ୟେକ ପିଲାଙ୍କୁ ଏହି ପାଠ୍ୟକ୍ରମରେ ବ୍ୟବହୃତ ନିୟମାବଳୀ ପୁସ୍ତିକାରୁ ଖଣ୍ଡେ ଦେବା ଆବଶ୍ୟକ । ସର୍ବୋପରି, ସମସ୍ତ ପାଠ୍ୟକ୍ରମ ଶେଷରେ ପ୍ରତ୍ୟେକ ପିଲା ଛଅ ଗୋଟି ପୁସ୍ତିକା ପାଇସାରିଥିବା ଉଚିତ ।



**ଏକ ଅଭିନୟ-ସଙ୍ଗୀତ:** ଅଭିନୟ ସଙ୍ଗୀତରେ, ଅଭିନୟ ଓ ବାକ୍ୟ ଇତ୍ୟାଦି ଶିଖିବା ପାଇଁ ସେ ସମସ୍ତ ଅତି ସରଳମାନର ହେବା ଆବଶ୍ୟକ। ହୁଏତ, ଆପଣ ବାକ୍ୟ ସହିତ ସୁହାଇଲା ପରି ତାଳ ପ୍ରସ୍ତୁତ କରିପାରନ୍ତି, ବା ଲେଖିଥିବା ଓ ଜାଣିଥିବା କୌଣସି ଏକ ଅଭିନୟ – ସଙ୍ଗୀତ ବ୍ୟବହାର କରିପାରନ୍ତି। ଯାହା କିଛି ଆପଣ ଏ ଦିଗରେ ଚୟନ କରିବେ, ତାହା ପାଠ୍ୟକ୍ରମର ମୂଳ – ମନ୍ତ୍ରକୁ ଦର୍ଶାଉଥିବା ଉଚିତ।

ପିଲାଏ ମନେ ରଖିବା ପର୍ଯ୍ୟନ୍ତ ଅଭିନୟ ସଙ୍ଗୀତକୁ ବାରମ୍ବାର ଶିଖାନ୍ତୁ।

**ଏକ ଦ୍ରଷ୍ଟବ୍ୟ – ବସ୍ତୁ ମାଧ୍ୟମରେ ଶିକ୍ଷା :** ପ୍ରତ୍ୟେକ ଦିନ ପିଲାଏ ଦେଖୁଥିବା ବସ୍ତୁ ସାମଗ୍ରୀ, ବ୍ୟବହାର କରି ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରା ଯାଇଛି। ଈଶ୍ୱର ଏହି ଶିକ୍ଷାର କେନ୍ଦ୍ର ବିନ୍ଦୁ ଅଟନ୍ତି।

*ଉଦାହରଣ :* 'ଯୀଶୁ ଜଗତର ଜ୍ୟୋତିଃ', ଏହି ବିଷୟରେ ଶିକ୍ଷା ଦେବା ପାଇଁ ବ୍ୟବହୃତ ଦ୍ରଷ୍ଟବ୍ୟ ସାମଗ୍ରୀ ଏହାର କେନ୍ଦ୍ର ବିନ୍ଦୁ ଅଟେ। ଯେପରିକି, ସବୁ ବତୀ ବନ୍ଦ କରିଦେଇ ଘରଟିକୁ ଅନ୍ଧାର କରନ୍ତୁ ଏବଂ ମହମ ବତୀ ଜଳାଇ, ସ୍ୱାଭାବିକ ଅନ୍ଧକାର କିପରି ଏହି ବତୀର ସ୍ୱାଭାବିକ ଆଲୋକ ଦ୍ୱାରା ଅପସରି ଗଲା, ସେଇ ବିଷୟ ଦର୍ଶାଇ ଦିଅନ୍ତୁ। ତତ୍ପରେ, ମହମ ବତୀର ଆଲୁଅ ପରି ଯୀଶୁ ଆମ ଜୀବନରୁ କିପରି, ସକଳ ମନ୍ଦ ଆତ୍ମା, ମନ୍ଦ ବିଷୟ କହିଥିବା କିମ୍ବା ଚିନ୍ତା କରିଥିବା କୁକ୍ରିୟା ଆଦି ନିଜେ ଯୀଶୁ ଆତ୍ମୀକ ଆଲୋକ ଭାବରେ ଦୂର କରି ପାରନ୍ତି, ତାହା ପିଲାଙ୍କୁ ବୁଝାନ୍ତୁ।

**ମୁଖସ୍ତ ପଦ – ଧନ୍ଦା:** ପିଲାଙ୍କୁ ବାଇବଲ ପଦ ମୁଖସ୍ତ କରିବା ପାଇଁ ଓ ତଦ୍ଦ୍ୱାରା ଶିକ୍ଷାର ମୂଳମନ୍ତ୍ର ଶିଖିବାରେ ଏହା ସାହାଯ୍ୟ କରିଥାଏ। ମୁଖସ୍ତ ପଦ – ଧନ୍ଦା, ଏହି ସୁସମ୍ବାଦ କାହାଣୀ ପୁସ୍ତିକାର ଅନ୍ତର୍ଭୁକ୍ତ। ଉଦାହରଣ: ମୁଖସ୍ତ ପଦକୁ ଅଭିନୟ ମାଧ୍ୟମରେ ପ୍ରକାଶ କରନ୍ତୁ (ବିନା କଥା ବା ଶବ୍ଦ ଉଚ୍ଚାରଣରେ) ଏବଂ ଜଣେ ପରେ ଜଣେ ପ୍ରତ୍ୟେକ ପିଲା ତାହା ବୁଝି କହନ୍ତୁ। ଏହିସବୁ ଖେଳ ମଧ୍ୟରେ ସମ୍ପଦ-ଅନୁସନ୍ଧାନ, ତଥା ଅନୁମାନ କରି ଖୋଜି ପାଇବା ଖେଳ ପ୍ରତିଯୋଗୀତା ଇତ୍ୟାଦି ଅନ୍ୟତମ।


**ବ୍ୟବହାରିକ କାର୍ଯ୍ୟକାରୀତା:** ଆଜିର ଦିନରେ ଆମ ଜୀବନ ପାଇଁ ଗୋଟିଏ ଶିକ୍ଷାର ମୂଳମନ୍ତ୍ର ତଥା 'ଏକ – କୈନ୍ଦ୍ରିକ ଲକ୍ଷ୍ୟ' ଜାଣିବା ଏକ ମହତ ବିଷୟ ଅଟେ। *ଉଦାହରଣ:* 'ଯୀଶୁ ଜଗତର ଜ୍ୟୋତିଃ'ର ବ୍ୟବହାରିକ କାର୍ଯ୍ୟକାରୀତା ହେଉଛି, ସେ ଆତ୍ମିକ ଆଲୋକ ଭାବରେ, ଆମ ଜୀବନରୁ ସମସ୍ତ ମନ୍ଦ ଆତ୍ମାର କାର୍ଯ୍ୟ ବାହାର କରି ଦିଅନ୍ତି, ତଥା ମନ୍ଦ ଆତ୍ମାର ଶକ୍ତି ଆମ ଉପରେ ରହିବ ନାହିଁ।


# ଚିତ୍ରାଙ୍କନ ଦ୍ୱାରା ଶିକ୍ଷା

ଏହି ପୁସ୍ତିକା ମଧ୍ୟରେ ଥିବା ଅନେକ ଦୃଷ୍ଟାନ୍ତ ନେଇ ଓ ଚିତ୍ର ଅଙ୍କନ କରି, ପ୍ରତ୍ୟେକ କାହାଣୀ ଆପଣ ବୁଝାଇ ପାରିବେ । ଏହି ପୃଷ୍ଠାରେ ସୋପାନ ପରେ ସୋପାନ, ଶୀଘ୍ର ଚିତ୍ର ଅଙ୍କନ କରିବା ପାଇଁ, ଉଦାହରଣ ରହିଛି ।


ଚିତ୍ରାଙ୍କନ ତଥା କାହାଣୀ କହିସାରିବାପରେ, ପିଲାମାନେ ସେହି କାହାଣୀର ଚିତ୍ର ନିଜେ ଆଙ୍କନ୍ତୁ ।


**ଉପକରଣ:** ଆଙ୍କିବା ପାଇଁ କଳାପଟା ଓ ଚକ୍ ଖଡି ବା ମାଟି ଓ କାଠି, ବା କାଗଜ ଓ ପେନ୍‌ସିଲ୍ ଇତ୍ୟାଦି । ପିଲାଙ୍କ ପାଇଁ କାଗଜ ବା ଚିତ୍ରାଙ୍କନ ପଟା, ପେନ୍‌ସିଲ୍ ଓ ଲିଭାଇବା ପାଇଁ ରବର୍ ।















# ପାଠ 1



## ଶିକ୍ଷାର ଏକ – କୈନ୍ଦ୍ରିକ ଲକ୍ଷ୍ୟ
***ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ***

## ବାଇବଲ କାହାଣୀ

ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ

***ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ, ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

**ସୁସମ୍ବାଦ କାହାଣୀ ପୁସ୍ତିକା – ପ୍ରଥମ ଖଣ୍ଡ** ପୃଷ୍ଠା. 2-9 । *ସୃଷ୍ଟିକର୍ତ୍ତା ଈଶ୍ୱର ।*

**ଉପକରଣ:** ଆଙ୍କିବା ପାଇଁ କଳାପଟା ଓ ଚକ୍ ଖଡି ବା ମାଟି ଓ କାଠି, ବା କାଗଜ ଓ ପେନ୍‌ସିଲ୍ ଇତ୍ୟାଦି । ପିଲାଙ୍କ ପାଇଁ କାଗଜ ବା ଚିତ୍ରାଙ୍କନ ପଟା, ରବର୍ ଓ ପେନ୍‌ସିଲ୍ ।

ଅଙ୍କନ କରି କାହାଣୀଟି ବୁଝାନ୍ତୁ । ପ୍ରତ୍ୟେକ ପୃଷ୍ଠା ପଢିବା ଉତ୍ତାରେ ପିଲାଙ୍କୁ ପଗ୍ଚରନ୍ତୁ ।

1, 2, 3, କାହାଣୀ କହିବା ଆରମ୍ଭ କରନ୍ତୁ...



ମୁଁ ତାରାସବୁକୁ ଦେଖିପାରୁଛି । ତାରାସବୁ ଗାଉଛନ୍ତି ।

ପ୍ରଶ୍ନ: **ସ୍ରଷ୍ଟା ଈଶ୍ୱର କ'ଣ ସୃଷ୍ଟି କଲେ ?**
ପିଲାଙ୍କ ଉତ୍ତର: ନକ୍ଷତ୍ର ସକଳ ।



ମୁଁ ପଶୁମାନଙ୍କୁ ଦେଖିପାରୁଛି । ପଶୁମାନେ ଗୀତ ଗାଉଛନ୍ତି ।

ପ୍ରଶ୍ନ: **ସୃଷ୍ଟିକର୍ତ୍ତା ଈଶ୍ୱର କ'ଣ ସୃଷ୍ଟି କଲେ ?**
ପିଲାଙ୍କ ଉତ୍ତର: ପଶୁ, ପକ୍ଷୀ ସକଳ ।



ମୁଁ ଆତ୍ମାମାନଙ୍କୁ ଦେଖିପାରୁଛି । ଆତ୍ମାମାନେ ଗାଉଛନ୍ତି ।

ପ୍ରଶ୍ନ: **ସୃଷ୍ଟିକର୍ତ୍ତା ଈଶ୍ୱର କ'ଣ ସୃଷ୍ଟି କଲେ ?**
ପିଲାଙ୍କ ଉତ୍ତର: ଆତ୍ମା ସକଳ ।




ମୁଁ ପ୍ରଥମ ପୁରୁଷ ଓ ନାରୀକୁ ଦେଖି ପାରୁଛି । ପ୍ରଥମ ପୁରୁଷ ଓ ନାରୀ ଗାଉଛନ୍ତି ।

ପ୍ରଶ୍ନ: **ସୃଷ୍ଟିକର୍ତ୍ତା ଈଶ୍ୱର କ'ଣ ସୃଷ୍ଟି କଲେ ?**
ପିଲାଙ୍କ ଉତ୍ତର: ପ୍ରଥମ ପୁରୁଷ ଓ ପ୍ରଥମ ନାରୀ ଅର୍ଥାତ୍ ଆଦମ ଓ ହବା ।


# ପାଠ 1





ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର ମୁଁ ଶୁଣି ପାରୁଛି, 'ମୁଁ ତୁମକୁ ପ୍ରେମ କରେ!' ମୁଁ ଗାଇବାକୁ ଆରମ୍ଭ କଲି ।


ପ୍ରଶ୍ନ: **ସ୍ରଷ୍ଟା ଈଶ୍ୱର କ'ଣ କହିଲେ ?**
ପିଲାଙ୍କ ଉତ୍ତର: ମୁଁ ତୁମକୁ ପ୍ରେମ କରେ !



ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର ମୁଁ ଶୁଣି ପାରୁଛି, 'ମୋର ସିଦ୍ଧ ଜଗତର ଯତ୍ନ ନିଅ ।'
ଶିକ୍ଷକ: **ସ୍ରଷ୍ଟା ଈଶ୍ୱର କ'ଣ କହିଲେ ?**
ପିଲାଙ୍କ ଉତ୍ତର: ମୋହର ସିଦ୍ଧ ଜଗତର ଯତ୍ନ ନିଅ ।

ସମସ୍ତ ସୃଷ୍ଟି ଗାଉଛନ୍ତି...ଗାଉଛନ୍ତି...ଗାଉଛନ୍ତି ଏହା ମୁଁ ଶୁଣିପାରୁଛି । ସମସ୍ତେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପ୍ରତି ଗାଉଛନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ସୃଷ୍ଟି କରିଛନ୍ତି ।

**କାହାଣୀ ଆଙ୍କିବାକୁ, ପିଲାଙ୍କୁ କହନ୍ତୁ ।**



## ଅଭିନୟ ସଙ୍ଗୀତ


***ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ, ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

କହିକି ପାରିବ ତୁମେ ଗଢ଼ିଲା କିଏ ?
ଫୁଲମାନଙ୍କୁ ଫୁଲମାନଙ୍କୁ (ସ୍ୱର୍ଗର ଈଶ୍ୱର) | 1 |



କହିକି ପାରିବ ତୁମେ ଗଢ଼ିଲା କିଏ ?
ମାଛମାନଙ୍କୁ ମାଛମାନଙ୍କୁ (ସ୍ୱର୍ଗର ଈଶ୍ୱର) | 2 |

କହିକି ପାରିବ ତୁମେ ଗଢ଼ିଲା କିଏ ?
ପକ୍ଷୀମାନଙ୍କୁ ପକ୍ଷୀମାନଙ୍କୁ (ସ୍ୱର୍ଗର ଈଶ୍ୱର) | 3 |



କହିକି ପାରିବ ତୁମେ ଗଢ଼ିଲା କିଏ ?
ତାରାମାନଙ୍କୁ ତାରାମାନଙ୍କୁ (ସ୍ୱର୍ଗର ଈଶ୍ୱର) | 4 |

କହିକି ପାରିବ ତୁମେ ଗଢ଼ିଲା କିଏ ?
ତୁମକୁ ମୋତେ ତୁମକୁ ମୋତେ (ସ୍ୱର୍ଗର ଈଶ୍ୱର) | 5 |

# ପାଠ 1

## ଦ୍ରଷ୍ଟବ୍ୟ – ବସ୍ତୁ ମାଧ୍ୟମରେ ପାଠ
***ସ୍ରଷ୍ଟା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ***

ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ

**ନିରୀକ୍ଷଣ କର:** ମେଘମାଳାକୁ ଦେଖ । ପ୍ରତ୍ୟେକ ମେଘ ଖଣ୍ଡ ମେଘ ଅଟେ, କିନ୍ତୁ ପ୍ରତ୍ୟେକ ମେଘ ଭିନ୍ନ ଅଟେ । ରାତିରେ ତାରାଗଣକୁ ଦେଖ । ପ୍ରତ୍ୟେକ ତାରା ଏକ ତାରା ଅଟେ, କିନ୍ତୁ ପ୍ରତ୍ୟେକ ତାରା ଭିନ୍ନ ଅଟେ । ଗାଈମାନଙ୍କୁ ଦେଖ । ପ୍ରତ୍ୟେକ ଗାଈ, ଗାଈ ହୋଇଥିଲେ ସୁଦ୍ଧା, ପ୍ରତ୍ୟେକେ ଭିନ୍ନ ଅଟନ୍ତି । ପ୍ରତ୍ୟେକ ମନୁଷ୍ୟକୁ ଦେଖ । ପ୍ରତ୍ୟେକ, ମନୁଷ୍ୟ ହେଲେ ସୁଦ୍ଧା, ଜଣେ ମନୁଷ୍ୟ ଅନ୍ୟଠାରୁ ଭିନ୍ନ ଅଟେ । ପ୍ରତ୍ୟେକ ନାରୀକୁ ଦେଖ । ପ୍ରତ୍ୟେକ ନାରୀ, ନାରୀ ହେଲେ ସୁଦ୍ଧା, ଜଣେ ନାରୀ ଅନ୍ୟଠାରୁ ଭିନ୍ନ ଅଟେ ।

ସମସ୍ତ ସୃଷ୍ଟିର ସ୍ରଷ୍ଟାଜଣେ । ସ୍ରଷ୍ଟା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ । ପ୍ରତ୍ୟେକକୁ ସମଭାବରେ ସୃଷ୍ଟି କଲେ, କିନ୍ତୁ ପ୍ରତ୍ୟେକେ ପରସ୍ପରଠାରୁ ଭିନ୍ନ ଅଟନ୍ତି ।


## ମୁଖସ୍ତ – ପଦ – ଧନ୍ଦା
***ସୃଷ୍ଟିକର୍ତ୍ତା ଈଶ୍ୱର ସକଳ ସୃଷ୍ଟିର ସ୍ରଷ୍ଟା ଭାବଧାରା ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଅନ୍ୟ ନାମ *ସଦାପ୍ରଭୁ* ଏହି ବିଷୟ ସରଳରେ ବୁଝାନ୍ତୁ ।

**ଗୀତ: 146:1 ଓ 6** *'ସଦାପ୍ରଭୁଙ୍କର ପ୍ରଶଂସା କର ! ମୁଁ ନିଜକୁ କହେ, ସଦାପ୍ରଭୁଙ୍କର ପ୍ରଶଂସା କର । ସଦାପ୍ରଭୁ ସ୍ୱର୍ଗ, ପୃଥିବୀ, ସମୁଦ୍ର ଏବଂ ଏଥିରେ ଥିବା ପ୍ରତ୍ୟେକ ବସ୍ତୁ ମଧ୍ୟ ତିଆରି କଲେ । ସେ ସର୍ବଦା ବିଶ୍ୱସ୍ତ ଅଟନ୍ତି ।'*







**ସମ୍ପଦ–ଅନୁସନ୍ଧାନ:** ଖଣ୍ଡେ କାଗଜରେ 'ସଦାପ୍ରଭୁଙ୍କର ପ୍ରଶଂସା କର !', ଲେଖନ୍ତୁ, (କାଗଜ ଖଣ୍ଡର ଅପର ପାର୍ଶ୍ୱରେ ଆରାଧନା କରୁଥିବା ଜଣେ ବ୍ୟକ୍ତିର ଛବି ଅଙ୍କନ କରନ୍ତୁ) । ଅନ୍ୟ ଖଣ୍ଡେ କାଗଜରେ 'ସଦାପ୍ରଭୁଙ୍କର ପ୍ରଶଂସା କର !' ଲେଖନ୍ତୁ, (କାଗଜ ଖଣ୍ଡର ଆର ପଟେ ଉପାସନା କରୁଥିବା ଜଣେ ବ୍ୟକ୍ତିର ଛବି ଆଙ୍କନ୍ତୁ) । ଆଉ ଖଣ୍ଡେ କାଗଜରେ 'ମୁଁ ନିଜକୁ କହେ, ସଦାପ୍ରଭୁଙ୍କର ପ୍ରଶଂସା କର' ଲେଖନ୍ତୁ । (କାଗଜ ଖଣ୍ଡର ଅପର ପାର୍ଶ୍ୱରେ ଅନ୍ତର ମଧ୍ୟରୁ ଆରାଧନା କରୁଥିବା ଜଣେ ବ୍ୟକ୍ତିର ଛବି ଆଙ୍କନ୍ତୁ) । ଆଉ ଖଣ୍ଡେ କାଗଜରେ 'ସଦାପ୍ରଭୁ ସ୍ୱର୍ଗ, ପୃଥିବୀ,' ସୃଷ୍ଟି କଲେ ଲେଖନ୍ତୁ । (କାଗଜ ଖଣ୍ଡର ଆର ପଟେ, ସ୍ୱର୍ଗ ଓ ପୃଥିବୀର ଚିତ୍ର ଆଙ୍କନ୍ତୁ) । ଅନ୍ୟ ଖଣ୍ଡେ କାଗଜରେ 'ସମୁଦ୍ର ଏବଂ ଏଥିରେ ଥିବା ପ୍ରତ୍ୟେକ ବିଷୟ୍ ମଧ୍ୟ ସୃଷ୍ଟି କଲେ' ଲେଖନ୍ତୁ । (କାଗଜର ଆର ପଟେ ସମୁଦ୍ର ଓ ମତ୍ସ୍ୟର ଚିତ୍ର ଆଙ୍କନ୍ତୁ) । ପିଲାମାନେ ପହଞ୍ଚିବା ପୂର୍ବେ ସବୁ କାଗଜ ଖଣ୍ଡ ବିଭିନ୍ନ ସ୍ଥାନରେ ଲୁଚାଇ ରଖନ୍ତୁ । ପ୍ରତ୍ୟେକ ବିଭିନ୍ନ ଲୁଚିବା ସ୍ଥାନ ପାଇଁ ଏକ ସାଧାରଣ ମାନଚିତ୍ର ପାଞ୍ଚ ଖଣ୍ଡ କାଗଜରେ ଆଙ୍କନ୍ତୁ ।

ସବୁ ପିଲାଙ୍କୁ ନେଇ ପାଞ୍ଚଟି ଦଳରେ ବିଭକ୍ତ କରନ୍ତୁ । (ଯଦି ପାଞ୍ଚ ଜଣରୁ କମ୍ ପିଲା ଥାଆନ୍ତି, ତେବେ ସବୁ ପିଲାଙ୍କୁ ଗୋଟିଏ ଦଳରେ ରଖି, ପ୍ରତ୍ୟେକ ମାନଚିତ୍ର ପାଇଁ କାର୍ଯ୍ୟରେ ଲଗାନ୍ତୁ) । ବୟସ୍କ ପିଲାଙ୍କୁ ଦଳର ନେତା ଚୟନ କରି, ସାନମାନଙ୍କୁ ସାହାଯ୍ୟ କରିବାକୁ ଅନୁପ୍ରାଣିତ କରାନ୍ତୁ । ପ୍ରତ୍ୟେକ ଦଳକୁ ନିଜ ଦଳର ମାନଚିତ୍ର ଦେଇ, କିମ୍ବା ଆପଣ ନିଜେ ପ୍ରତ୍ୟେକ ଦଳକୁ ସାହାଯ୍ୟ ପୂର୍ବକ ସଂକେତ ଦେଇ କହି ପାରିବେ, ଯେପରିକି 'ଲୁଚାଯାଇଥିଲା ସମ୍ପଦ କେଉଁଠି ଅଛି' ।

ଯେଉଁ ଦଳ ପ୍ରଥମେ ମୁଖସ୍ତ ପଦ ପାଇବେ, ସେମାନେ ବିଜେତା ହେବେ ।

# ପାଠ 1

1,2,3, ଆରମ୍ଭ କରନ୍ତୁ...

ପାଞ୍ଚଟି ଦଳ ନିଜର ମୁଖସ୍ତ ପଦର ଅଂଶ ତଥା କାଗଜ ଖଣ୍ଡ ପାଇବା ପରେ, ପ୍ରତ୍ୟେକ ଦଳର ପିଲାଏ ନିଜ ଦଳ ପାଇଁ ନେତା ବାଛିବେ । ବାକ୍ୟ ସବୁକୁ ତଥା ବାଇବଲର ମୁଖସ୍ତ ପଦ ପାଇଁ ଅଙ୍କା ଯାଇଥିବା ଛବି ସବୁକୁ କ୍ରମାନ୍ୱୟ ସଜାଡି ଏକାଠି କରିବାକୁ, ପ୍ରତ୍ୟେକ ଦଳର ନେତାଙ୍କୁ କହନ୍ତୁ । ଅନ୍ୟ ଦଳର ନେତାଙ୍କ ସହିତ ପ୍ରତ୍ୟେକ ଦଳର ନେତା ସହଯୋଗ କରନ୍ତୁ । ଠିକ୍ ଭାବରେ ଅର୍ଥାତ୍ କ୍ରମାନ୍ୱୟରେ ସଜାଡିବା ସମ୍ପନ୍ନ ହୁଏ, ସେତେବେଳେ ଜଣାଇବାକୁ କହନ୍ତୁ ।

ତା'ପରେ, ସବୁ ଦଳର ନେତା ମୁଖସ୍ତ ପଦକୁ କହୁଥିବେ ବା ମୁଖସ୍ତ ପଦ ସମସ୍ତ ଠିକ୍ କ୍ରମାନ୍ୱୟରେ ଉଚ୍ଚ ସ୍ୱରରେ, ଗୋଟିଏ ପରେ ଗୋଟିଏ ବାକ୍ୟ ପିଲାମାନଙ୍କୁ କହିବାକୁ କହନ୍ତୁ ।

ଯଦି ପିଲାଏ ସେ ପର୍ଯ୍ୟନ୍ତ ପଢି ଶିଖିଲେ ନାହିଁ, ତେବେ ଛବି ଆଡକୁ ନିର୍ଦ୍ଦେଶ କରି ପିଲାଙ୍କ ମନେ ରଖିବା ପାଇଁ ପଦ ସବୁ କହନ୍ତୁ । ଯେ ପର୍ଯ୍ୟନ୍ତ ପିଲାମାନେ ମନେ ରଖି ପାରୁନାହାନ୍ତି, ସେଯାଏ, ବାରମ୍ବାର ଉଚ୍ଚ ସ୍ୱରରେ ପଦ କହିବା ପାଇଁ ସେମାନଙ୍କୁ ଶିଖାନ୍ତୁ । ତତ୍ପରେ, ମୁଖସ୍ତ ପଦକୁ ଲୁଚାଇ ପୁନର୍ବାର ପିଲାଙ୍କୁ ପଗ୍ଚରନ୍ତୁ ।

## ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ

## ବ୍ୟବହାରିକ କାର୍ଯ୍ୟକାରୀତା

### *ସୃଷ୍ଟିକର୍ତ୍ତା ଈଶ୍ୱର ସମସ୍ତ ସୃଷ୍ଟି କଲେ, ଭାବଧାରାର କାର୍ଯ୍ୟକାରୀତା ବ୍ୟବହାର କରନ୍ତୁ*

ସ୍ରଷ୍ଟା ଈଶ୍ୱର ସବୁ କିଛି ସୃଷ୍ଟି କଲେ, ଏପରିକି ଆପଣ ଓ ମୁଁ ଏହାର ଅନ୍ତର୍ଭୁକ୍ତ । ଯେହେତୁ ସେ ହିଁ ସବୁର ସ୍ରଷ୍ଟା, ସେଥିପାଇଁ ସୃଷ୍ଟିକର୍ତ୍ତା ଈଶ୍ୱର କେବଳ ଆରାଧ୍ୟ ବା ଉପାସନା ପାଇଁ ଭାଜନ ଅଟନ୍ତି ।

**ପ୍ରାର୍ଥନା:** ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ସକଳ ବିଶ୍ୱର ସ୍ରଷ୍ଟା ଯେହେତୁ ତୁମେ ସବୁ ବିଷୟ ସୃଷ୍ଟି କରିଛ, କେବଳ ତୁମର ପୂଜା, ଆରାଧନା ଆମେ କରୁଛୁ । ତୁମେ, ସମସ୍ତ ସୃଷ୍ଟି କରିଥିବାରୁ ତୁମକୁ ଧନ୍ୟବାଦ ଅର୍ପଣ କରୁଛୁ । ତୁମେ ମୋତେ ପ୍ରେମ କରୁଥିବାରୁ ମୁଁ ତୁମକୁ ଧନ୍ୟବାଦ ଅର୍ପଣ କରୁଛି । ଆମେନ୍ ।